## ସଂକ୍ଷେପରେ

### ଅସହାୟ ବୃଦ୍ଧାଙ୍କୁ ସହାୟତା

ସୁନାବେଡ଼ା, ୩।୫(ସ୍ୱ.ପ୍ର.)-ରେଡ୍‌କ୍ରସ୍ ସୋସାଇଟିର ଆଜୀବନ ସଦସ୍ୟ ସାହେଦା ପରବିନ ଓ ଶେଖ ଇବ୍ରାହିମ ସୁନାବେଡ଼ା ଗଞ୍ଜାମ କଲୋନିସ୍ଥିତ ନିଜ ଭଉଣୀଙ୍କ ଘର ପିଣ୍ଡାରେ ବସବାସ କରୁଥିବା ବଇଦି ବାଘଙ୍କୁ ସୋମବାର ସହାୟତା କରିଛନ୍ତି। ଉଭୟେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ କିଛି ଖାଦ୍ୟ ସାମଗ୍ରୀ ବଇଦିଙ୍କୁ ଦେଇଥିଲେ। ବଇଦି ଜଣେ ଅବିବାହିତ ବୃଦ୍ଧା। ପକ୍ଷାଘାତରେ ଆକ୍ରାନ୍ତ ଯୋଗୁ ଚଳପ୍ରଚଳ କରିପାରୁନାହାନ୍ତି। ଏଠାରେ ଆଶ୍ରୟ ନେବା ଦିନଠାରୁ ଆବଶ୍ୟକ ସମୟରେ ଶେଖ ଇବ୍ରାହିମଙ୍କ ବଡ଼ ଭଉଣୀ ସେ ମଧ ବଇଦିଙ୍କ ଯତ୍ନ ନିଅନ୍ତି। ବଇଦିଙ୍କର କୌଣସି ପରିଚୟପତ୍ର ନ ଥିବାରୁ ସରକାରଙ୍କ କଲ୍ୟାଣମୂଳକ ଯୋଜନାରୁ ଉପକୃତ ହୋଇପାରୁନାହାନ୍ତି। ତାଙ୍କୁ ସହାୟତା କରିବା ଲାଗି ଇବ୍ରାହିମ ସୁନାବେଡ଼ା ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

### କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା

ମାଲକାନଗିରି,୩।୫(ଡି.ଏନ.ଏ.)- କରୋନା ମହାମାରୀ ସମୟରେ ନିଷ୍ଠାପର କର୍ତ୍ତବ୍ୟ ସମ୍ପାଦନ କରି ଆମ ଦେଶ, ରାଜ୍ୟ ଓ ବିଭିନ୍ନ ଜିଲାରେ ଅନେକ କରୋନା ଯୋଦ୍ଧା ସେମାନଙ୍କ ଜୀବନ ହରାଇଛନ୍ତି। ସେହି କରୋନା ଯୋଦ୍ଧାଙ୍କ ଆତ୍ମାର ସଦ୍‌ଗତି ଲାଗି ସୋମବାର ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ସଦର ମହକୁମା ସୁଭାଷ ବୋଷ ଛକ ସ୍ଥିତ ହନୁମାନ ମନ୍ଦିର ପରିସରରେ ଏକ ନୀରବ ପ୍ରାର୍ଥନା କାର୍ଯ୍ୟକ୍ରମ ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିଲା । ଏଥିରେ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ତହସିଲଦାର ଗୁଣନିଧି ନାୟକ, ଆଇଆଇସି ରାମପ୍ରସାଦ ନାଗଙ୍କ ସମେତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ଉପସ୍ଥିତ ରହି ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ସେହି ଯୋଦ୍ଧାମାନଙ୍କ ଅବଦାନ ଆଗାମୀ ଦିନ ପାଇଁ ଏକ ଇତିହାସ ସୃଷ୍ଟି କରିବ। ଆଗାମୀ ଦିନରେ ମାଲକାନଗିରି ଜିଲାରେ କରୋନା ଯେପରି ନ ବ୍ୟାପିବ ସେନେଇ ଭଗବାନଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରିଥିଲେ।

### ମାଲକାନଗିରି: ୭୩ କରୋନା ସଂକ୍ରମିତ ଚିହ୍ନଟ

ମାଲକାନଗିରି,୩।୫ (ଡି.ଏନ.ଏ.)- ମାଲକାନଗିରି ଜିଲାରେ ସୋମବାର ୭୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧରେ ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୫ ଜଣ, ବାଲିମେଳା ଏନ୍‌ଏସିରୁ ଜଣେ, ମାଲକାନଗିରି ବ୍ଲକରୁ ୩, କୋରୁକୋଣ୍ଡା ବ୍ଲକରୁ ୫, ମାଥିଲି ବ୍ଲକରୁ ୧୪, ଖଇରପୁଟ ବ୍ଲକରୁ ୧୬, କାଲିମେଳା ବ୍ଲକରୁ ୭, ପଡ଼ିଆ ବ୍ଲକରୁ ୬ ଓ ଚିତ୍ରକୋଣ୍ଡା ବ୍ଲକରୁ ୧୬ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଗୁଣ୍ଡାପୁଟରେ ରାମମନ୍ଦିର ନିର୍ମାଣ ନେଇ ବୈଠକ

କୋରାପୁଟ,୩।୫(ସ୍ୱ.ପ୍ର.)-କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ସୁବାଇ ପଞ୍ଚାୟତର ଗୁଣ୍ଡାପୁଟ ଗ୍ରାମରେ ଏକ ରାମମନ୍ଦିର ନିର୍ମାଣ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାର ବିଲାପୁଟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ଗୁଣ୍ଡାପୁଟ ଗ୍ରାମର ଅର୍ଜୁନ ନାୟକଙ୍କ ତତ୍ତ୍ୱାବଧାନରେ ଗ୍ରାମର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ବର୍ତ୍ତମାନ କରୋନା ପରିପେକ୍ଷୀରେ କେବେ ମନ୍ଦିର ନିର୍ମାଣ ନେଇ ଶୁଭ ଦିଆଯିବ ସେନେଇ ଆଲୋଚନା କରିଥିଲେ। ଗ୍ରାମର ନାୟକ ନାରାୟଣ ପ୍ରଧାନୀ, ବିଲାପୁଟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଲଳିତ ମୋହନ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ହସ ଦିବସ ପାଳିତ

ଜୟପୁର,୩।୫(ନି.ପ୍ର): ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ଥାନୀୟ ଯାଦବ ଭବନ ପରିସରରେ ହସଖୁସି ଦିବସ ପାଳିତ ହୋଇଯାଇଛି। କବିରାଜ ପରମେଶ୍ୱର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ, ଶରୀର ଓ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଭଲ ରହିଲେ ଜରେ ମଣିଷ ସୁସ୍ଥ ରୂପେ ସର୍ବଦା ପ୍ରଫୁଲ୍ଲ ରହିବ। ତାକୁ କୌଣସି ରୋଗ ଛୁଇଁପାରିବ ନାହିଁ ବୋଲି ହସ ଦିବସରେ ଉପସ୍ଥିତ ଅତିଥିମାନେ ପ୍ରକାଶ କରିଛନ୍ତି। ମଦନ ମୋହନ ନାୟକ, ଦୁର୍ଗା ମାଧବ ଶତପଥୀ, ରାଜେନ୍ଦ୍ର ଗୌଡ, କୃଷ୍ଣଚନ୍ଦ୍ର ନେପାକ, ରାଜେନ୍ଦ୍ର ଜେନା, ସତ୍ୟ ନାରାୟଣ ପରିଛା, ହରିହର ଗୌଡଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ହସକଥା କହି ଅନ୍ୟମାନଙ୍କୁ ହସାଇଥିଲେ। ଡା. ସୁଦର୍ଶନ ଗୌଡ ଧନ୍ୟବାଦ ଦେଇଥିଲେ।

# କଳାବଜାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି,୩।୫(ଡି.ଏନ୍.ଏ.)

ରାଜ୍ୟରେ ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଆରମ୍ଭ ହେଉଛି। ଏହି ସମୟରେ ମାଲକାନଗିରି ଜିଲାବାସୀ କିପରି ଅତ୍ୟାବଶ୍ୟକ ସାମଗ୍ରୀ ସୁବିଧାରେ ପାଇବେ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। କୌଣସି ବ୍ୟବସାୟୀ ଅତ୍ୟାବଶ୍ୟକ ସାମଗ୍ରୀ ଗଚ୍ଛିତ ରଖି ଏହାର କଳାବଜାର କରୁଥିବା ଜଣାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସତର୍କ କରାଯାଇଛି। ସୋମବାର ପ୍ରଶାସନ ପକ୍ଷରୁ ଏ ନେଇ ଉପଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଥିଲା । ଏଥିରେ ତହସିଲଦାର ଗୁଣନିଧି ନାୟକ, ଅତିରିକ୍ତ ତହସିଲଦାର ସବିର ଶାହା, ଆଇଆଇସି ରାମପ୍ରସାଦ ନାଗ, ପୌର ପରିଷଦ ନିର୍ବାହୀ ଅଧିକାରୀ ତ୍ରିଶୂଳ ମାର୍ଡି, ବଣିକ ସଂଘ ସଭାପତି ସୁରେଶ ସୋମାନି, ସମ୍ପାଦକ ଈଶ୍ୱର ପଟ୍ଟନାୟକ, ଦୈନିକ ବଜାର କମିଟି ସଭାପତି ଡି. ଶ୍ରୀନିବାସ ରାଓଙ୍କ ସମେତ ନାଗରିକ ଏବଂ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ



ବୈଠକରେ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ମାଲକାନଗିରି ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ବଜାରଗୁଡ଼ିକରେ ସକାଳ ୬ ଟାରୁ ଦିନ ୧୨ଟା ମଧରେ ଲୋକେ ଯେପରି ଅତ୍ୟାବଶ୍ୟକ ସାମଗ୍ରୀ ପାଇପାରିବେ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟ ବାହାରୁ ଆସୁଥିବା ଅତ୍ୟାବଶ୍ୟକ ସାମଗ୍ରୀ ଶନିବାର ଓ ରବିବାର ସକାଳ ୧୦ଟା ମଧରେ ସମ୍ପୃକ୍ତ ବ୍ୟବସାୟୀ ନିର୍ଦ୍ଦିଷ୍ଟ ଶ୍ରମିକମାନଙ୍କ ଦ୍ୱାରା ଅନ୍‌ଲୋଡ୍ କରିବେ । ସେହି ଶ୍ରମିକମାନେ ଦୁଇଟି ଟିକା ନେଇଥିବେ କିମ୍ବା କୋଭିଡ୍ ନେଗେଟିଭ୍ ରିପୋର୍ଟ ଥିବା ଦରକାର। ପରିବା ମାଛ, ମାଂସ ଓ ଫଳ ଦୋକାନୀମାନେ ପ୍ରଶାସନ ତରଫରୁ ଚିହ୍ନଟ କରାଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ସକାଳ ୬ରୁ ଦିନ ୧୨ଟା ମଧରେ ବିକ୍ରି କରିପାରିବେ । ଖାଉଟିମାନେ କୌଣସି ଗାଡ଼ି ବ୍ୟବହାର ନ କରି ଚାଲି ଚାଲି ଆସି ନିକଟସ୍ଥ ବଜାରରୁ ନିଜ ସାମଗ୍ରୀ ଖର୍ଦ୍ଦି କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। କୌଣସି ବ୍ୟକ୍ତି ବିନା କାରଣରେ ରାସ୍ତାକୁ ବାହାରିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

# ରାୟଗଡ଼ା ଜିଲାରେ ଟିକା ଅଭାବ

ରାୟଗଡ଼ା ଅଫିସ,୩।୫

**ଜିଲା ଚିକିତ୍ସାଳୟରୁ ଫେରିଲେ ବୟସ୍କ, ଯୁବବର୍ଗ**

ରାୟଗଡ଼ା ଜିଲାକୁ ଆସିଥିବା ସମସ୍ତ ଟୀକା ସରିଯାଇଛି। ଫଳରେ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଅନେକ ବୟସ୍କ ଏବଂ ଯୁବତି, ଯୁବକ ନିରାଶ ହୋଇ ଫେରିଛନ୍ତି। ଦ୍ୱିତୀୟ ଲହରରେ କରୋନା କାୟାବିସ୍ତାର କରୁଥିବାବେଳେ ସରକାରଙ୍କ ଟୀକା ପ୍ରଦାନ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଟୀକାର ଅଭାବକୁ ନେଇ ଏବେ ଅସନ୍ତୋଷ ଦେଖାଦେଇଛି। କିଛି ଦିନ ଟୀକା ନ ଥିବା ଯୋଗୁ ଜିଲାର ଅନେକ କେନ୍ଦ୍ର ବନ୍ଦ ରହିଛି। ଅନେକ ଲୋକ ପ୍ରଥମ ଡୋଜ୍ ନେଇଥିବାବେଳେ ଦ୍ୱିତୀୟ ଡୋଜ୍ ପାଇଁ ଅପେକ୍ଷା କରିଛନ୍ତି। ସମୟ ହୋଇଥିଲେ ମଧ ସେମାନେ ଟୀକା ନେଇପାରିନାହାନ୍ତି। ସେହିପରି ମେ ୧ରୁ ୧୮ରୁ ୪୪ ବର୍ଷ ବୟସ୍କଙ୍କ ପାଇଁ ଟୀକା ଘୋଷଣା ହୋଇଥିବାବେଳେ ତାହା ମଧ ଲୋକଙ୍କୁ ମିଳିପାରିନାହିଁ। ୧୮ରୁ ୪୪ ବର୍ଷର ଅନେକ ଲୋକ ଅନ୍‌ଲାଇନ ରେଜିଷ୍ଟ୍ରେସନ କରିଥିବାବେଳେ ସୋମବାର ଟୀକା ନେବାପାଇଁ ପହଞ୍ଚିଥିଲେ। ହେଲେ ଟୀକା ଆସି ନ ଥିବାରୁ ନିରାଶ ହୋଇ ଫେରିଥିବା ଅଭିଯୋଗ କରିଛନ୍ତି। ସରକାର ମେ ୧ରୁ ସମସ୍ତଙ୍କୁ ଟୀକା ଦିଆଯିବ ବୋଲି ଘୋଷଣା କରିଥିଲେ ମଧ ଯୋଗାଇବାକୁ ବିଫଳ ହୋଇଛନ୍ତି ବୋଲି ଅନେକ ଯୁବତୀ, ଯୁବକ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଜିଲାକୁ ଏ ପର୍ଯ୍ୟନ୍ତ ୧ଲକ୍ଷ ୨୭ ହଜାର ୮୨୦ ଡୋଜ୍ ଟୀକା ଆସିଥିବାବେଳେ ୯୩ହଜାର ୫୩୬ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ୧୪ ହଜାର ୪୮୯ ଲୋକଙ୍କୁ ଓ ଦ୍ୱିତୀୟ ଡୋଜ୍ ଟୀକା ଦିଆଯାଇଛି। ଜିଲାରେ ଆହୁରି ଅନେକ ଲୋକ ଟୀକା ନେଇ ନ ଥିବା ଜଣାପଡ଼ିଛି। ଏ ନେଇ ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଟୀକା ଆସନାହିଁ। ଟୀକା ପହଞ୍ଚିଲେ ସମସ୍ତେ ପାଇପାରିବେ ବୋଲି ସେ କହିଛନ୍ତି।

## କୋଭିଡ୍‌ରେ ମୃତ ଖବରଦାତାଙ୍କ ପାଇଁ ନୀରବ ପ୍ରାର୍ଥନା

ମାଲକାନଗିରି,୩।୫ (ଡି.ଏନ.ଏ)

ଖବରଦାତାମାନେ ନିଜ ଜୀବନକୁ ବିପନ୍ନ କରି କୋଭିଡ୍ ମହାମାରୀ ସମୟରେ ଦୈନନ୍ଦିନ ଘଟଣା ଲୋକ ଲୋଚନକୁ ଆଣିବା ସହ କରୋନା ସଂକ୍ରମିତ ରୋଗ ସମ୍ପର୍କରେ ରାଜ୍ୟରେ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଉଛନ୍ତି। ରାଜ୍ୟରେ ଅନେକ ଗଣମାଧମ ପ୍ରତିନିଧି କରୋନା ଆକ୍ରାନ୍ତ ହୋଇ ଇତି ମଧରେ ଜୀବନ ହରାଇଲେଣି। ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖବରଦାତାଙ୍କୁ ଆଗଧାଡ଼ିର କରୋନା ଯୋଧା ରୂପେ ଘୋଷଣା କରଛନ୍ତି। ଏନେଇ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି ଅବସରରେ ଦିବଙ୍ଗତ ଖବରଦାତାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ସମ୍ପାଦକ ସତ୍ୟ ନାରାୟଣ ଦାସ, କୋଷାଧକ୍ଷ ଶ୍ରୀନିବାସ ପାତ୍ର, ଯୁଗ୍ମ ସମ୍ପାଦକ ସନ୍ତୁ ଅନୁଗୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜୟପୁର ସହରରେ ବଢୁଛନ୍ତି କରୋନା ଆକ୍ରାନ୍ତ

ଜୟପୁର,୩।୫ (ନି.ପ୍ର.)

କୋରାପୁଟ ଜିଲାରେ କୋରନା ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତ୍ୟେକ ଦିନ ବଢୁଛି। ଏଥିରେ ଜୟପୁର ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକା ରହୁଛି । ଗତ ୩ ଦିନ ମଧରେ ସହରରେ ୬୧ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ୧ ରେ ୮ଜଣ, ୨ ରେ ୨୭ ଜଣ ଓ ୩ ଅର୍ଥାତ ସୋମବାର ୨୬ ଜଣ କୋରନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ୨୬ ଆକ୍ରାନ୍ତ ସହରର ଇରିଗେସନ କୋଲନୀ, ନେହୁରୁ ନଗର, ଦ୍ୱିତୀୟ ଦୈନିକ ବଜାର , ବାଲିପଟା ସାହି, ନଡିଆ ବାଡ ସାହି, ପାଣିନଳା ସାହି, ରାଜୁ ସାହି, ପ୍ରସାଦ ରାଓ ପେଟା, ରାଇବାବୁ ସାହି, ଭୋଇ ସାହି, ବକ୍ସି ସାହି, ପାରାବେଢ଼ା, ଗୋଡିଆମାଳି ସାହି, ସୌରା ସାହି, ଗୁଜୁରାଟି କୋଲନୀ, ଡଙ୍ଗାଗୁଡା, ସୂର୍ଯ୍ୟ ମହଲ, ଗୋଡିଆଧୋବା ସାହି, ନଡିଆ ବାଡ ସାହି, ପାୱାର ହାଉସ ପେଟ୍ରୋଲ ପମ୍ପ ନିକଟରୁ ଚିହ୍ନଟ ହୋଇଥିବା ଜଣାପଡିଛି।

# ଘଟଣାର ତଦନ୍ତ ଦାବି କଲେ ଅଞ୍ଚଳବାସୀ

କୋରୁକୋଣ୍ଡା, ୩।୫(ଡି.ଏନ.ଏ.)

**ରହସ୍ୟ ଘେରରେ ନାବାଳିକାଙ୍କ ମୃତ୍ୟୁ ଘଟଣା**

- ଗ୍ରାମରେ କଙ୍ଗାରୁ କୋର୍ଟ ନେଇଥିଲା ନିଷ୍ପତ୍ତି
- ପୋଲିସ ଅଜାଣତରେ ହୋଇଥିଲା ମୃତଦେହ ସତ୍କାର
- ଥାନାକୁ କୌଣସି ସୂଚନା ମିଳିନି: ଥାନାଧିକାରୀ

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ଅଧୀନ କୋଇଲିପାରି ଗ୍ରାମ ନିକଟସ୍ଥ ବନ୍ଧଗୁଡା ଗ୍ରାମରେ ମେ ୧ରେ ଗଙ୍ଗା ମାଡ଼ିଙ୍କ ନାବାଳିକା ଝିଅ (୧୫) କୌଣସି କାରଣରୁ ଘର ନିକଟସ୍ଥ ଜଙ୍ଗଲରେ ଏକ ଗଛରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିଲେ। ଏସମ୍ପର୍କରେ ପରିବାର ଓ ଗ୍ରାମବାସୀ ଜାଣିବା ପରେ ତାଙ୍କ ମୃତଦେହ ଉଦ୍ଧାରକରି ଘରକୁ ଆଣିଥିଲେ। ତେବେ ଏହି ଘଟଣାକୁ ନେଇ ଗ୍ରାମରେ ଏକ କଙ୍ଗାରୁ କୋର୍ଟ ବସିଥିଲା। ଘଟଣାଟିକୁ ଚପାଇ ଦେବା ସହ ପୋଲିସକୁ ନ ଜଣାଇ ମୃତଦେହ ଦାହ କରିଦେବାକୁ ନିଷ୍ପତ୍ତି ହୋଇଥିଲା । ସେହି ଅନୁସାରେ ସବୁ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ତେବେ ନାବାଳିକାଙ୍କ ମୃତ୍ୟୁ ନେଇ ଏବେ ବିଭିନ୍ନ ପ୍ରଶ୍ନ ଉଠୁଛି। ଯଦି ନାବାଳିକା ଜଣଙ୍କ ଆତ୍ମହତ୍ୟା କରିଥିଲେ ତେବେ ପରିବାର ଓ ଗ୍ରାମବାସୀ ଏ ସମ୍ପର୍କରେ ପୋଲିସକୁ ନ ଜଣାଇ କାହିଁକି କଙ୍ଗାରୁ କୋର୍ଟ ବସାଇ ଏପରି ନିଷ୍ପତ୍ତି ନେଇଥିଲେ। ଏସମ୍ପର୍କରେ ଖବର ପାଇ କେତେକ ଗଣମାଧମ ପ୍ରତିନିଧି ଉକ୍ତ ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ପରିବାର ଓ ଗ୍ରାମବାସୀଙ୍କୁ ପଚାରିବାରୁ ସେମାନେ ଗ୍ରାମରେ କଙ୍ଗାରୁ କୋର୍ଟ ମାଧମରେ ଏହାର ସମାଧାନ ହୋଇଥିବା କହିଥିଲେ। ଅନ୍ୟପକ୍ଷରେ ବନ୍ଧଗୁଡା ଗ୍ରାମବାସୀ ନେଇଥିବା ନିଷ୍ପତ୍ତିକୁ ନିକଟସ୍ଥ କୋଇଲିପାରି ଗ୍ରାମବାସୀ ବିରୋଧ କରିଛନ୍ତି। ଘଟଣା ପଛର ରହସ୍ୟ ଉନ୍ମୋଚନ ଲାଗି ଦାବି କରିଛନ୍ତି। ତେବେ ପ୍ରକୃତ ଘଟଣା କଣ ଓ ଏହାପଛରେ କି ରହସ୍ୟ ରହିଛି ତାହା ଜଣ ପଡୁନାହିଁ ଏନେଇ ସ୍ଥାନୀୟ ସରପଞ୍ଚ ବଂଶୀଧର ମୁଦୁଲିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ବନ୍ଧଗୁଡା ଗ୍ରାମର ଝିଅଟି ମୃତ୍ୟୁବରଣ କରିଥିବା ଗ୍ରାମବାସୀ ଫୋନ ଯୋଗେ ତାଙ୍କୁ ଜଣାଇଥିଲେ। ମାତ୍ର ଝିଅଟିର କେଉଁ କାରଣରୁ ମୃତ୍ୟୁ ହୋଇଛି ତାହା ଜାଣିନଥିବା ସେ କହିଛନ୍ତି । ଏ ସମ୍ପର୍କରେ ମାଲକାନଗିରି ଥାନା ଅଧିକାରୀ ରାମପ୍ରସାଦ ନାଗଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏନେଇ ଥାନାକୁ କୌଣସି ସୂଚନା ମିଳିନାହିଁ। କିମ୍ବା କୌଣସି ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି । ତେବେ ପୋଲିସ ଓ ପ୍ରଶାସନ ପକ୍ଷରୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ଘଟଣା ଲୋକଲୋଚନକୁ ଆଣିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଫ୍ ଲାଇନ୍‌ରେ ପିଡିଏସ୍ ସାମଗ୍ରୀ ବଣ୍ଟନ ଦାବି



ଯୋଗାଣ ସହାୟକ ମାନେ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି ।

ବୈପାରିଗୁଡା,୩।୫ (ଡି.ଏନ୍.ଏ.)

କରୋନା ସଂକ୍ରମଣକୁ ଦୃଷ୍ଟିରେ ଲୋକଙ୍କୁ ପିଡିଏସ୍ ସାମଗ୍ରୀ ବାଣ୍ଟିବା ବେଳେ ଇ ସେଲ୍ସ ମେସିନ୍ ବ୍ୟବହାର ସାମୟିକ ଭାବେ ସ୍ଥଗିତ ରଖିବାକୁ ବ୍ଲକର ଯୋଗାଣ ସହାୟକ ସଂଘ ଓ ସ୍ୱୟଂସହାୟିକା ଗୋଷ୍ଠୀ ଦାବି କରିଛନ୍ତି। ସୋମବାର ସେମାନେ ଏନେଇ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦରଖାସ୍ତ ପ୍ରଦାନ କରିଛନ୍ତି। ପ୍ରଚଳିତ ବ୍ୟବସ୍ଥାରେ ପିଡିଏସ୍ ସାମଗ୍ରୀ ପ୍ରଦାନ ବେଳେ ହିତାଧିକାରୀଙ୍କ ଆଙ୍ଗୁଠି ଛପା ଓ ଆଖି ସ୍କାନ କରାଯାଉଛି । ଏହା ଦ୍ୱାରା ସଂକ୍ରମଣ ବ୍ୟାପିପାରେ ବୋଲି ସେମାନେ ଆଶଙ୍କା କରୁଥିବା ଉଲ୍ଲେଖ କରିଛନ୍ତି।

# ସିଆଳି ଖଲି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

ଦଶମନ୍ତପୁର,୩।୫(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ବାଣ୍ଡୁଆଗୁଡ଼ାଠାରେ ସୋମବାର ସିଆଳି ଖଲି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ, ଓରମାସ ଓ ଅଗ୍ରଗାମୀ ସହଯୋଗରେ ଏହି କେନ୍ଦ୍ର ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ଉମ୍ବରୁଧର ମଲ୍ଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଏଲ୍‌ଏମ୍ ଅଧିକାରୀ ବଟକୃଷ୍ଣ ସ୍ୱାଇଁ, ଅଗ୍ରଗାମୀ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକ, ଓର୍‌ମାସର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଶନ କାର୍ତ୍ତିକଙ୍କ ସମେତ ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ। ମହିଳାମାନଙ୍କୁ ସିଆଳି ଖଲି ଉତ୍ପାଦନ ନେଇ ଯନ୍ତ୍ରପାତି ଯୋଗାଇବା



ଉଦ୍‌ଘାଟିତ ହୋଇଥିବା ସିଆଳି ଖଲି ଉତ୍ପାଦନ କେନ୍ଦ୍ର।

ସହ ୨ଟି ଖଲି ସିଲେଇ ମେଶିନ ଓ ସମସ୍ତ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ସିଆଳ ଖଲି ପ୍ରସ୍ତୁତି ପାଇଁ ଅଗ୍ରଗାମୀ ପକ୍ଷରୁ ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ମହିଳାମାନେ ସୁଚାରୁରୂପେ ରୋଜଗାର କାର୍ଯ୍ୟ ସମ୍ପାଦନ କଲେ ରୋଜଗାରକ୍ଷମ ହୋଇପାରିବେ ବୋଲି ବିଡିଓ ମଲ୍ଲିକ କହିଛନ୍ତି।

# ରାୟଗଡ଼ା ଜିଲାରୁ ୧୫୭ ପଜିଟିଭ

ରାୟଗଡ଼ା ଅଫିସ,୩।୫

ରାୟଗଡ଼ା ଜିଲାରୁ ସୋମବାର ଆଉ ୧୫୭ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କ ମଧରେ ରାୟଗଡ଼ା ସହରାଞ୍ଚଳରୁ ୨୯, ରାୟଗଡ଼ା ଗ୍ରାମାଞ୍ଚଳରୁ ୧୨, ଗୁଡାରିରୁ ୯, ଗୁଣପୁର ସହରାଞ୍ଚଳରୁ ୨୨, ଗୁଣପୁର ଗ୍ରାମାଞ୍ଚଳରୁ ୩, କଲ୍ୟାଣସିଂହପୁରରୁ ୯, କାଶୀପୁରରୁ ୧୪, କୋଲନରାରୁ ୫୦, ମୁନିଗୁଡ଼ାରୁ ୨, ରାମନାଗୁଡ଼ାରୁ ୨ ଏବଂ ପଦ୍ମପୁରରୁ ୫ ଜଣ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦,୫୮୦ରେ ପହଞ୍ଚିଛି। ଜିଲାରେ ଆଉ ୧୧୫୮ ସକ୍ରିୟ ସଂକ୍ରମିତ ରହିଛନ୍ତି। ଅନ୍ୟପକ୍ଷରେ ଜିଲାର ବିଭିନ୍ନ ସ୍ଥାନରୁ ସଂକ୍ରମିତ ଚିହ୍ନଟ ହେବାପରେ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଜିଲାର ବିଭିନ୍ନ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଏବଂ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି।

# ବର୍ଷା ଜଳରେ ଉବୁଟୁବୁ ବସ୍‌ଷ୍ଟାଣ୍ଡ, ଯାତ୍ରୀ ହନ୍ତସନ୍ତ

ବୁଗୁଡ଼ା,୩।୫(ଡି.ଏନ.ଏ.)

ସାମାନ୍ୟ ବର୍ଷାରେ ଉବୁଟୁବୁ ହେଉଛି ବୁଗୁଡ଼ା ବସ୍‌ଷ୍ଟାଣ୍ଡ। ବୁଗୁଡ଼ା ବସ୍‌ଷ୍ଟାଣ୍ଡକୁ ଚକାଚକ୍ କରିବା ପାଇଁ ଏନ୍‌ଏସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଗତ ମାସରେ ବସ୍‌ଷ୍ଟାଣ୍ଡ ପରିସରରେ ମିନି ପାର୍କ ନିର୍ମାଣ ସାଙ୍ଗକୁ ଲୋକଙ୍କ ପାଇଁ ବିଭିନ୍ନ ବ୍ୟାୟାମ ସାମଗ୍ରୀ ଖଞ୍ଜା ଯାଇଛି। ଏଥି ପୂର୍ବରୁ ମାଟି ଥିବା ସ୍ଥାନରେ ପେଭର ପକାଯାଇ ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇଥିଲେ ହେଁ ବସ୍‌ଷ୍ଟାଣ୍ଡ ଭିତରକୁ ଯିବାକୁ ହେଲେ ପାଣିରେ ଅତିକ୍ରମ କରିବାକୁ ପଡୁଛି। ସାମାନ୍ୟ ବର୍ଷାରେ ବସ୍‌ଷ୍ଟାଣ୍ଡର ବାମ ପଟ ପ୍ରବେଶ ପଥରେ ପାଣି ଜମି ରହିବା କାରଣରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ପେଭର ପଡ଼ିଥିବା କେତେକ ସ୍ଥାନରେ ମଧ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ଏପରି ଅବସ୍ଥା ସୃଷ୍ଟି ହେଉଥିବା ଜଣାପଡିଛି।

# ଜୀବିକା ହରାଇଲେଣି କମାର ପରିବାର

ଜୟପୁର,୩।୫ ( ନି.ପ୍ର.)

- ବିଲୁପ୍ତ ହୋଇପଡ଼ିଲାଣି ଏବେ କମାରଶାଳ
- ଚାଷୀ ଆଉ ନିର୍ଭର କରୁନାହାନ୍ତି ଶାଳ ଉପରେ
- ପ୍ରୋତ୍ସାହନ ନ ମିଳିଲେ ଇତିହାସ ପାଲଟିବ

କଥାରେ ଅଛି ବୃତ୍ତି ମୋ ପୋଷେ କୁଟୁମ୍ବ। ମାତ୍ର ଯଦି ବୃତ୍ତି ପ୍ରଭାବିତ ହୁଏ ତେବେ ତେଲଲୁଣ ସଂସାର ସହ କୁଟୁମ୍ବ ସମ୍ଭାଳିବା ବୋଝ ଭଳି ମନେହୁଏ। ଯୁଗ ବଦଳୁଛି ଆଉ ଏଥିସହ ବଦଳିବାରେ ଲାଗିଛି କେତେକ ପାରମ୍ପରିକ ଜୀବିକା। ଫଳରେ ଏବେ ଅନେକ କୌଳିକ ବୃତ୍ତି ଲୋପ ପାଇବାକୁ ବସିଲାଣି। ଅନ୍ୟ ସବୁ କୌଳିକ ବୃତ୍ତି ପରି ଚାଷୀମାନଙ୍କ ହାତ ବାରିଶି ସାଜୁଥିବା କମାରଶାଳ ହଜିଯିବାକୁ ବସିଲାଣି। ଦିନ ଥିଲା, ପ୍ରତ୍ୟେକ ଗାଁରେ କମାରଶାଳ ଦେଖିବାକୁ ମିଳୁଥିଲା। ଚାଷୀମାନେ ତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଲୁହା, କୋଦାଳ, ଲଙ୍ଗଳ, ଶଗଡ଼ ବଳା, କୁରାଢ଼ି, ଧାନକଟା ଦା' ପାଇଁ କମାରଶାଳର କାରିଗର ଉପରେ ନିର୍ଭର କରୁଥିଲେ। ଏହାଦ୍ୱାରା



କମାରମାନେ ଲୁହା ଜିନିଷ ବିକ୍ରିକରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ଏବେ ଟ୍ରାକ୍ଟର,ପାୱାର ଟିଲର ଭଳି ଆତ୍ୟାଧୁନିକ ମେଶିନର ଲୋକପ୍ରିୟତା ଏବଂ କମ୍ ସମୟରେ ଅଧିକ କାମ ହେଉଥିବାରୁ ଚାଷୀ ଆଉ ପାରମ୍ପରିକ ସାମଗ୍ରୀ ଉପରେ ଗୁରୁତ୍ୱାରୋପ କରୁନାହାନ୍ତି। ଏଥିଯୋଗୁ ଦୀର୍ଘବର୍ଷର କମାରଶାଳ ପ୍ରଭାବିତ ହୋଇଛି। କମାରଶାଳ ବୁଡିଯିବାକୁ ବସିଛି। କମାରଶାଳ ଚଳାଇବା ପାଇଁ ଆବଶ୍ୟକ ହେଉଥିବା କାଠ କୋଇଲା କିଣିବାକୁ ପଡୁଥିବା ବେଳେ ଏହା ବର୍ତ୍ତମାନ ବହୁ ମହଙ୍ଗା ହେବା ସହ ସହଜରେ ଉପଲବ୍ଧ ହେଉନାହିଁ। ଏପରି ସ୍ଥିତିରେ ଯେଉଁ ସ୍ଥାନରେ ଗୋଟେ ଅଧେ କମାରଶାଳ ରହିଛି ତାହା ଚଳାଇବା କଷ୍ଟକର ହୋଇପଡୁଛି। କମାରଶାଳ ପ୍ରତି ମଧ ସରକାରଙ୍କ କିଛି ପ୍ରୋତ୍ସାହନ ନାହିଁ। ଆଗାମୀ ଦିନରେ ଏହା ପ୍ରୋତ୍ସାନ ନ ପାଇଲେ ଇତିହାସର ଗର୍ଭକୁ ଚାଲିଯିବ ବୋଲି ଅନେକ କମାର ସମ୍ପ୍ରଦାୟର ବ୍ୟକ୍ତି ମତ ଦେଇଛନ୍ତି।

ODISHA PUBLIC SERVICE COMMISSION
CUTTACK

NOTICE

No. 2924 / P.S.C., (1E-17-20-21) (DR-II) Dt. 03.05.2021

No. D-16:- In view of the lockdown declared by the State Government from 05th May, 2021 to 19th May, 2021 throughout the State due to Covid-19 pandemic situation, the Commission have decided to postpone the conduct of the physical verification of original certificates & documents for recruitment to the post of Assistant Executive Engineer (Electrical), pursuant to the Advertisement No. 10 of 2019-20, scheduled to be held from 17.05.2021 to 19.05.2021 until further order. The next date for conduct of aforesaid verification process shall be notified in due course. The concerned candidates are advised to visit the website of the Commission regularly regarding conduct of the same.

The present notice supersedes the notice No. 2912/PSC, dt. 30.04.2021.

Sd./- Additional Secretary
OIPR-12002/11/0011/2122

ODISHA PUBLIC SERVICE COMMISSION
CUTTACK

NOTICE

No. 2928 / P.S.C., Dt. 03.05.2021

No. D-17:- It is for the information of all concerned candidates applying for OCS-2020 that, in view of the "lockdown" declared by the Government of Odisha throughout the state with effect from 5th May 2021 to 19th May 2021 the scheduled date for conduct of OCS preliminary (written) examination, 2020, pursuant to Advt. No.07 of 2020-21, published vide Notice No. 2192/PSC, Dt.22.03.2021, is hereby postponed. The details of the Programme of the said examination shall be notified in due cource. The candidates are advised to visit the website of the Commssion at http://opsc.gov.in regularly for further information in the matter.

Sd./- Additional Secretary
OIPR-12002/11/0012/2122

## ସଂକ୍ଷେପରେ

### ନିୟମ ଉଲ୍ଲଂଘନ କରି ଗଣିଲେ ଜରିମାନା

ଶେରଗଡ଼,୩।୫(ଡି.ଏନ.ଏ.)-ଶେରଗଡ ବ୍ଲକ ଗୋଠଗାଁରେ ଜଣଙ୍କ ଘରେ ଭୋଜି ଚାଲିଥିବା ବେଳେ ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା ସଦଳବଳ ଚଢାଉ କରି ଭୋଜି ବନ୍ଦ କରିବା ସହ ୫୦୦ ଜରିମାନା ଆଦାୟ କରିଥିଲେ। ସେହିପରି ବଳିଆରସିଂହପୁର ଗ୍ରାମରେ କୋଭିଡ୍ ନିୟମ ନ ମାନି ଭୋଜି ଚାଲିଥିବାରୁ ୨୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଉକ୍ତ ଚଢାଉରେ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ପି.ପଞ୍ଚମାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ।

### କୂଅ ମରାମତି ପ୍ରାପ୍ୟ ଦାବିରେ ଅନଶନ

ଖଜୁରିପଡ଼ା/ବଲସକୁମ୍ପା, ୩।୫ (ଡି.ଏନ.ଏ.)-ଖଜୁରିପଡ଼ା ବ୍ଲକ ଦୂତିପଡ଼ା ପଞ୍ଚାୟତ ପାତ୍ରପଡ଼ା ଗ୍ରାମର ସୁରେନ୍ଦ୍ର ବେହେରା ୨୦୧୬ରେ ପାତ୍ରପଡ଼ା ଗ୍ରାମର ଏକ କୂଅ ମରାମତି କରିଥିଲେ। ତେବେ ଏଯାଏ ତାଙ୍କୁ ପ୍ରାପ୍ୟ ମିଳି ନ ଥିବାରୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଛନ୍ତି। କୂଅ ମରାମତି ପାଇଁ ୨୦୧୬ ଆର୍ଥିକ ବର୍ଷରେ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ତେବେ ସୁରେନ୍ଦ୍ର ତାଙ୍କ ପାରିଶ୍ରମିକ ଏ ଯାଏ ପାଇ ପାରିନାହାନ୍ତି। ବିଲ୍ ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବିଡିଓ, ଜିଲାପାଳଙ୍କ ନିକଟରେ ସେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଅନଶନରେ ବସିଥିବା ସୁରେନ୍ଦ୍ର କହିଛନ୍ତି। କରୋନା ଯୋଗୁ ବର୍ତ୍ତମାନ ସେ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ପ୍ରାପ୍ୟ ନ ମିଳିଲେ ଜୀବନ ହାରିବେ ବୋଲି କହିଛନ୍ତି। ଏନେଇ ବିଡିଓ ରବୀନ୍ଦ୍ର ନାଥ କହଁରଙ୍କୁ ପଚାରିବାରେ ଘଟଣାର ତଦନ୍ତ କରି ଯଥାଶୀଘ୍ର କୂଅ ମରାମତି ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି। ଦୁତିପଡ଼ା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ବେହେରା କହିଛନ୍ତି କୂଅ କାର୍ଯ୍ୟ ବେଳେ ସେ ଏଠାରେ କାର୍ଯ୍ୟରତ ନ ଥିଲେ। ତାଙ୍କ ପାଖକୁ କୌଣସି ଅଭିଯୋଗ ଆସିନଥିଲା ବୋଲି କହିଛନ୍ତି। ଅଭିଯୋଗର ତଦନ୍ତ କରି ହିତାଧିକାରୀଙ୍କୁ କୂଅ ମରାମତି ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି।

### ୨ ବଖରା ଜଳିଗଲା

ଖଜୁରିପଡ଼ା/ବଲସକୁମ୍ପା, ୩।୫ (ଡି.ଏନ.ଏ.)-ଖଜୁରିପଡ଼ା ଥାନା ଅନ୍ତର୍ଗତ ଟିଟ୍ରାପଙ୍ଗା ଗ୍ରାମ ପଞ୍ଚାୟତର ବାରିହାଗୁଡ଼ା ଗ୍ରାମରେ ରବିବାର ରାତି ପ୍ରାୟ ୧୨ଟା ବେଳେ କୌଣସି କାରଣରୁ ନିଆଁ ଲାଗି ଦୁଇ ପରିବାରର ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବ ପତ୍ର ପୋଡ଼ିଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। କ୍ଷତିଗ୍ରସ୍ତମାନେ ହେଲେ ଶ୍ୟାମଘନ ବାଘ ଏବଂ କୃପାସିନ୍ଧୁ ବାଘ। ସୋମବାର ସକାଳେ ବଲସକୁମ୍ପା ରାଜସ୍ୱ ନିରୀକ୍ଷକ ଅଧିକାରୀ ସଚିଦାନନ୍ଦ ନାୟକ, ଏଆର୍ଆଇ ଅଞ୍ଜଳି ରଣା ପହଞ୍ଚି କ୍ଷୟକ୍ଷତି ଆକଳନ କର କ୍ଷତିଗ୍ରସ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଏ ନେଇ ଏଆର୍ଆଇଙ୍କ ପ୍ରତିକ୍ରିୟା ନେବାରୁ ଘରପୋଡ଼ିର ସମ୍ପୂର୍ଣ୍ଣ ତଥ୍ୟ ଆକଳନ କରି ତହସିଲଦାରଙ୍କ ପାଖକୁ ପଠାଇଛୁ। ଯାହା ସରକାରୀ ସହାୟତା ଅସହାୟ ପରିବାରକୁ ଆସିବ ତାହା ଆମେ ପ୍ରଦାନ କରିବୁ ବୋଲି ସେ କହିଛନ୍ତି।

# ନବରଙ୍ଗପୁର ଜିଲାରେ କରୋନା ସ୍ଥିତି ଉଦ୍‌ବେଗଜନକ

ନବରଙ୍ଗପୁର,୩।୫(ବି.ପ୍ର.)



ନବରଙ୍ଗପୁରସ୍ଥିତ ଏକ ବ୍ୟାଙ୍କ ପରିସରରେ ଗ୍ରାହକଙ୍କ ଭିଡ଼।

- ୨୪ ଘଣ୍ଟାରେ ୪୩୩ ନୂଆ ସଂକ୍ରମିତ
- ସଚେତନତା ପରେ ବି ସବୁଠି ଭିଡ଼

ନବରଙ୍ଗପୁର ଜିଲାରେ ଲଗାତର ଉପରମୁହାଁ ହେଉଛି କରୋନା ସଂକ୍ରମିତଙ୍କ ସଂଖ୍ୟା। ରବିବାର ଜିଲାରୁ ୩୨୦ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୨୪ ଘଣ୍ଟା ମଧ୍ୟରେ ଆଉ ୪୩୩ ପଜିଟିଭ ଚିହ୍ନଟ ହୋଇଥିବା ସୋମବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଦିନକୁ ଦିନ ସଂକ୍ରମଣ ଦ୍ରୁତଗତିରେ ବଢ଼ିବା ପ୍ରଶାସନ ଏବଂ ନିର୍ବାଚନ ପ୍ରତିନିଧିଙ୍କ ପାଇଁ ମଧ୍ୟ ଚିନ୍ତାର କାରଣ ହୋଇଛି। ବିଶେଷକରି ଛତିଶଗଡ଼ ସୀମାନ୍ତ ଉମରକୋଟ, ରାଇଘର, ଚନ୍ଦାହାଣ୍ଡି ଏବଂ ଝରିଗାଁ ବ୍ଲକ୍‌ରେ କରୋନା ସ୍ଥିତି ଉଦ୍‌ବେଗଜନକ ରହିଛି। ୧୩ ଦିନ ହେଲା ଏହି ବ୍ଲକ୍‌ଗୁଡିକରେ ସଂକ୍ରମଣ ବଢ଼ିବାରେ ଲାଗିଛି । ନୂତନ ୪୩୩ ସଂକ୍ରମିତଙ୍କ ମଧ୍ୟରେ ଚନ୍ଦାହାଣ୍ଡି ବ୍ଲକରୁ ସର୍ବାଧିକ ୧୦୫, ଉମରକୋଟ ସହରରୁ ୩୪, ଉମରକୋଟ ବ୍ଲକ୍ ଅଞ୍ଚଳରୁ ୪୧, ନବରଙ୍ଗପୁର ପୌରାଞ୍ଚଳରୁ ୧୮, ନବରଙ୍ଗପୁର ବ୍ଲକ୍ ଅଞ୍ଚଳରୁ ୨, ଝରିଗାଁରୁ ୬୨, ରାଇଘରରୁ ୭୧, ଡାବୁଗାଁରୁ ୨୦, ପାପଡ଼ାହାଣ୍ଡିରୁ ୪୧, କୋଷାଗୁମୁଡ଼ାରୁ ୯, ନନ୍ଦାହାଣ୍ଡିରୁ ୧୫ ଏବଂ ତେନ୍ତୁଲିଖୁଣ୍ଟି ବ୍ଲକ୍‌ରୁ ୧୪ ଜଣ ରହିଛନ୍ତି। ସେହିପରି କୋରାପୁଟ ଜିଲା କୋଟପାଡ଼ର ଜଣେ ରହିଥିବା ସୂଚନା ମିଳିଛି। ଜିଲାରେ ଏବେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୩୧୦୧ ରହିଥିବାବେଳେ ସେଥିମଧ୍ୟରୁ ୨୯୭୫ ଜଣ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନିର୍ବାଚିତ ପ୍ରତିନିଧିଙ୍କ ଦାବି ପରେ ଉମରକୋଟ, ଚନ୍ଦାହାଣ୍ଡି, ରାଇଘର ଓ କୋଷାଗୁମୁଡ଼ାରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ଆରମ୍ଭ ହୋଇଯାଇଛି। ସମସ୍ତ ସେଣ୍ଟରରେ ଗୁରୁତରଙ୍କ ପାଇଁ ଅକ୍ସିଜେନର ବ୍ୟବସ୍ଥା ମଧ୍ୟ କରାଯାଇଛି। ନବରଙ୍ଗପୁରଠାରେ ମଧ୍ୟ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସିୟୁ ଓ ଭେଣ୍ଟିଲେଟର ବ୍ୟବସ୍ଥା ପାଇଁ ଦାବି ପରେ ଯନ୍ତ୍ରପାତି ଆସି ସଂଯୋଗ ହୋଇଥିବା ଜଣାପଡ଼ିଛି। ତେବେ ସରକାର ଏବଂ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ଅନେକ ସଚେତନ କରାଯାଉଥିଲେ ମଧ୍ୟ ଲୋକଙ୍କ ମଧ୍ୟରେ ସୁଧାର ଆସୁନାହିଁ। ୫ରୁ ୧୪ ଦିନିଆ ଲକ୍‌ଡାଉନ ଆରମ୍ଭ ହେବାକୁ ଯାଉଥିବାରୁ ସୋମବାର ଦୋକାନ, ବଜାର ଏବଂ ବ୍ୟାଙ୍କ ସମ୍ମୁଖରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କୌଣସି ସ୍ଥାନରେ ମଧ୍ୟ ସାମାଜିକ ଦୂରତା ରହୁ ନ ଥିବା ନଜରକୁ ଆସୁଛି। ସୋମବାର ବ୍ୟାଙ୍କଗୁଡ଼ିକରେ ଲିଙ୍କ୍ ଫେଲ୍ ଯୋଗୁ ଲୋକେ ଭିଡ଼ ଜମାଇଥିଲେ।

# ବିଭିନ୍ନ ଦାବି ନେଇ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

ରାୟଗଡ଼ା ଅଫିସ,୩।୫

## ବିନା ସୁରକ୍ଷାରେ କୋଭିଡ୍ ଦାୟିତ୍ୱକୁ ନେଇ ଅସନ୍ତୋଷ

ଓଡ଼ିଶା-ଆନ୍ଧ୍ର ସୀମାନ୍ତ କେରେଡ଼ା ଚେକ୍‌ପୋଷ୍ଟ, ରାୟଗଡ଼ା ରେଳ ଷ୍ଟେଶନ ଏବଂ ଅନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପ୍ରବାସୀଙ୍କ ଯାଞ୍ଚ ନିମନ୍ତେ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅଞ୍ଚଳରେ ଶିକ୍ଷକମାନଙ୍କୁ ବାରମ୍ବାର ଦାୟିତ୍ୱ ଦିଆଯାଉଥିବାରୁ ରାୟଗଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ଅସନ୍ତୋଷ ପ୍ରକାଶ କରିଛି।

କରୋନା କାୟାବିସ୍ତାର କରୁଥିବାବେଳେ ଅନେକ ଲୋକ ସଂକ୍ରମିତ ହେବାସହ ମୃତ୍ୟୁ ଘଟୁଛି। ତେଣୁ ସୁରକ୍ଷା ବ୍ୟବସ୍ଥା ସହ ସ୍ଥାନ ପରିବର୍ତ୍ତନ କରାଯାଇ ଶିକ୍ଷକମାନଙ୍କୁ ଦାୟିତ୍ୱ ଦେବା ନିମନ୍ତେ ଶିକ୍ଷକମାନେ ଦାବି କରିଛନ୍ତି। ସଂଘର ବ୍ଲକ୍ ସଭାପତି ଗଙ୍ଗାପ୍ରସାଦ ବ୍ରହ୍ମା ଏବଂ ସମ୍ପାଦକ ନରେଶ ସୁଆଲସିଂଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସୋମବାର ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ବିଇଓ ରାଧାକାନ୍ତ ଛତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଶିକ୍ଷକମାନଙ୍କ ବିଭିନ୍ନ ଦାବି ଉଲ୍ଲେଖ ରହିଛି। ବ୍ଲକ୍ ଏବଂ ପୌରାଞ୍ଚଳରେ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବୟସ ତାରତମ୍ୟ ନ ଦେଖି ସମସ୍ତଙ୍କୁ ଦାୟିତ୍ୱ ଦିଆଯାଉ, ୪୫ ବର୍ଷରୁ କମ୍ ବୟସ୍କ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଟିକା ପ୍ରଦାନ, କୋଭିଡ୍ ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କୁ ମାସ୍କ, ସାନିଟାଇଜର ଆଦି ସୁରକ୍ଷା କିଟ୍ ପ୍ରଦାନ ନିମନ୍ତେ ଦାବି ହୋଇଛି। ସେହିପରି ଗତବର୍ଷ ଯେଉଁ ଶିକ୍ଷକଙ୍କୁ ଯେଉଁ ସ୍ଥାନରେ ଦାୟିତ୍ୱ ଦିଆଯାଇଥିଲା ଏ ବର୍ଷ ସମାନ ସ୍ଥାନରେ ନିଯୁକ୍ତ ନ କରି ଏଥିରେ ପରିବର୍ତ୍ତନ କରାଯାଉ ବୋଲି ଦାବି ହୋଇଛି।

# ଲକ୍‌ଡାଉନ ନେଇ ଭୟଭୀତ ହୁଅନ୍ତୁ ନାହିଁ: ଜିଲାପାଳ

କୋରାପୁଟ, ୩।୫ (ସ୍ୱ.ପ୍ର)


ଜିଲାପାଳ ଅବଦାଲ ମହମ୍ମଦ ଅଖତାର ।

ଆସନ୍ତା ୫ରୁ ୧୯ ତାରିଖ ଯାଏ ରାଜ୍ୟ ସରକାର ଲକଡାଉନ ଘୋଷଣା କରିଛନ୍ତି। ଏହାକୁ କଡାକଡି ଭାବେ ପାଳନ କରିବାକୁ ଜନସାଧାରଣଙ୍କୁ ଜିଲାପାଳ ଅବଦାଲ ମହମ୍ମଦ ଅଖତାର ସୋମବାର ପରାମର୍ଶ ଦେଇଛନ୍ତି। ଲକଡାଉନ ବେଳେ ସମସ୍ତ ସାହିରେ ଥିବା ତେଜରାତି ଦୋକାନ, ପନିପରିବା, ଦୁଗ୍ଧ ଦୋକାନ ଆଦି ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଖୋଲା ରହିବ। ଏହି ସମୟ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳର ଲୋକେ ଚାଲି ଚାଲି ଯାଇ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣି ପାରିବେ। ଜିଲାବାସୀ ଲକ୍‌ଡାଉନ ପାଇଁ ଅଯଥା ଭୟଭୀତ ନ ହେବାକୁ ଜିଲାପାଳ କହିଛନ୍ତି। ଏହି ଲକଡାଉନବେଳେ ବସ,ଟ୍ୟାକ୍ସି ଓ ଅଟୋ ଚଳାଚଳ ଆଦି ବନ୍ଦ ରହିବ। ସମସ୍ତ ସରକାରୀ କାର୍ଯ୍ୟାଳୟରେ କେବଳ ଜରୁରୀ କାର୍ଯ୍ୟ ଷ୍ଟାଫମାନେ କରିବେ। ଲୋକମାନେ ଦୋକାନରେ ଅଯଥା ଗହଳି ନ କରିବା ଏବଂ ଅତି ଜରୁରୀ ନ ହେଲେ ଘରୁ ବାହାରକୁ ନବାହାରିବା, ଘରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରଖିବା ଏବଂ ହାତ ଧୋଇବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାବାସୀ ଲକ୍‌ଡାଉନକୁ ଠିକ୍ ରୂପେ ପାଳନ କଲେ ଆମେ କରୋନାକୁ ନିୟନ୍ତ୍ରଣକୁ ଆଣିବାରେ ସଫଳ ହେବା ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଜିଲାରେ କରୋନା ମାରୁଛି ଲମ୍ଫଡିଆଁ

କୋରାପୁଟ, ୩।୫(ସ୍ୱ.ପ୍ର)

କୋରାପୁଟ ଜିଲାରେ କରୋନା ମାରୁଛି ଲମ୍ଫଡିଆଁ। ନିକଟରେ ଦିନକରେ ୧୨୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସୋମବାର ଦିନକରେ ସର୍ବାଧିକ ୧୪୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାରେ କରୋନା ପାଇଁ ସପ୍ତାହନ୍ତ ଶଟଡାଉନ ଓ ନାଇଟ କର୍ଫ୍ୟୁ ଜାରି ରହିଥିବା ବେଳେ କରୋନାର ଏପରି ସଂକ୍ରମଣ ବୃଦ୍ଧି ପ୍ରଶାସନକୁ ଚିନ୍ତାରେ ପକାଇଛି। ଜିଲାରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ୫୪ ଜଣ ମହିଳା ଓ ୯୧ ଜଣ ପୁରୁଷ ରହିଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଜିଲାର ସୁନାବେଡା ପୌରାଞ୍ଚଳରୁ ସର୍ବାଧିକ ୩୫ ଜଣ ରହିଥିବାବେଳେ ଜୟପୁର ପୌରାଞ୍ଚଳରୁ ୨୬ , କୋରାପୁଟ ପୌରାଞ୍ଚଳରୁ ୨୨ ଓ କୋଟପାଡ ଏନଏସି ଅଞ୍ଚଳରୁ ୭ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ବୈପାରିଗୁଡା ବ୍ଲକ ଅଞ୍ଚଳରୁ ୩ ଜଣ, ବନ୍ଧୁଗାଁ ବ୍ଲକରୁ , ବୋରିଗୁମ୍ମା ବ୍ଲକରୁ ୭ ,କୋରାପୁଟ ବ୍ଲକରୁ ୬, କୋଟପାଡ ବ୍ଲକରୁ ୫, କୁନ୍ଦ୍ରା ବ୍ଲକରୁ ୨, ଲମତାପୁଟ ବ୍ଲକରୁ ୨, ଲକ୍ଷ୍ମୀପୁର ବ୍ଲକରୁ ୭ , ନନ୍ଦପୁର ବ୍ଲକରୁ ୩, ନାରାୟଣପାଟଣା ବ୍ଲକରୁ ୨, ଜୟପୁର ବ୍ଲକରୁ ୮ ଓ ସେମିଳିଗୁଡା ବ୍ଲକରୁ ୮ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ସୋମବାର ଜିଲାରୁ ୧୭ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ଜିଲାରେ ଟିକାକରଣ ୨ ଲକ୍ଷ ୩୫ ହଜାର ୩୫ରେ ପହଞ୍ଚିଥିବା ଜଣାପଡିଛି।

# ସାମାନ୍ୟ ବର୍ଷାରେ କୃତ୍ରିମ ପୋଖରୀ


ରାସ୍ତାରେ ବର୍ଷାଜଳ ଜମି ରହିଛି ।

ଟିକିରି,୩।୫(ଡି.ଏନ୍.ଏ.)

ସାମାନ୍ୟ ବର୍ଷାହେଲେ ମୁଖ୍ୟରାସ୍ତାରେ ପାଣି ଜମିରହୁଛି। ଡ୍ରେନ୍ ସଫା ହେଉ ନ ଥିବାରୁ ଆବର୍ଜନା ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ରାସ୍ତା ଉପରେ କୃତ୍ରିମ ପୋଖରୀ ସୃଷ୍ଟି ହେବାସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡ଼ାସ୍ଥିତ ନୂଆପଡ଼ା ମୁଖ୍ୟରାସ୍ତା ଉପରେ ଦେଖିବାକୁ ମିଳିଛି ଏପରି ସ୍ଥିତି। ଲୋକେ ରାସ୍ତାଦେଇ ଯିବା ସମୟରେ ଦୁର୍ଗନ୍ଧମୟ ପରିବେଶ ସହ ଯାନବାହନ ଯାତାୟାତ ବେଳେ ପାଣି ଛିଟିକି ଉପରେ ପଡୁଛି। ଏହି ରାସ୍ତା ନିକଟରେ ଜନବସତି ମଧ୍ୟ ରହିଛି। ତେଣୁ ଡ୍ରେନ୍ ସଫା କରିବାକୁ ଦାବି ହେଉଛି।

# ୨ କରୋନା ସଂକ୍ରମିତ ଗର୍ଭବତୀଙ୍କ ଅସ୍ତ୍ରୋପଚାର

ନବରଙ୍ଗପୁର,୩।୫(ବି.ପ୍ର.)

## ଡାକ୍ତରୀ ଟିମ୍‌ଙ୍କ ଉଦ୍ୟମକୁ ପ୍ରଶଂସା

ନବରଙ୍ଗପୁର ଜିଲା ସଦର ଡାକ୍ତରଖାନାର ଆଇସଲେଶନ ୱାର୍ଡରେ ଦୁଇ ଦିନରେ ୨ କରୋନା ସଂକ୍ରମିତ ଗର୍ଭବତୀଙ୍କ ସଫଳ ଅସ୍ତ୍ରୋପଚାର ହୋଇଛି। ଡାବୁଗାଁ ବ୍ଲକ୍ ମେନ୍ଦ୍ରୀଗୁଡ଼ା ଗାଁର ଜଣେ ୨୦ ବର୍ଷୀୟା ମହିଳା ଗର୍ଭ ଯନ୍ତ୍ରଣା ହେବାର ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ସେ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡା. କାହ୍ନୁ ଚରଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଡାକ୍ତରୀ ଟିମ୍, ନର୍ସ ଏବଂ ସହାୟକଙ୍କ ଉଦ୍ୟମରେ ଅସ୍ତ୍ରୋପଚାରପରେ ସନ୍ଧ୍ୟାରେ ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା। ଉଭୟ ମା’ ଏବଂ ଶିଶୁ ସୁସ୍ଥଥିବାବେଳେ ଆଇସୋଲେଶନ ୱାର୍ଡରେ ଥିବା ଜଣାପଡ଼ିଛି। ସେହିଭଳି ଚନ୍ଦାହାଣ୍ଡି ବ୍ଲକ୍‌ର ଜଣେ ମହିଳାଙ୍କ ଗର୍ଭ ଯନ୍ତ୍ରଣା ପରେ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ ନବରଙ୍ଗପୁର ଜିଲା ସଦର ଡାକ୍ତରଖାନାକୁ ପଠାଇଥିଲେ। କୋଭିଡ୍ ପଜିଟିଭ ଥିବା ମହିଳାଙ୍କ ଅସ୍ତ୍ରୋପଚାର ପରେ ଏକ ମୃତ ଶିଶୁ ଜନ୍ମ ହୋଇଥିବା ଜଣାପଡ଼ିଛି। ତେବେ ମହିଳା ଜଣଙ୍କ ଏବେ ଆଇସୋଲେଶନ ୱାର୍ଡରେ ଚିକିତ୍ସିତ ଅଛନ୍ତି। ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଗିରିଜା ଦାସ, ଡା. ଅନୁପ ହରିଚନ୍ଦନ, ଡା. ରୋଜାଲିନ ଓ ଓଟି କର୍ମଚାରୀଙ୍କ ସହଯୋଗରେ ଏହି ଅସ୍ତ୍ରୋପଚାର ହୋଇଥିବା ଜଣାପଡ଼ିଛି। କରୋନା ଭଳି ମହାମାରୀ ସମୟରେ ଡାକ୍ତରମାନଙ୍କ ନିଷ୍ଠାର କର୍ତ୍ତବ୍ୟ ପାଳନଙ୍କୁ ସମସ୍ତେ ସାଧୁବାଦ ଜଣାଇଛନ୍ତି।

# ନବରଙ୍ଗପୁର ଜିଲାରେ କରୋନା ଟିକା ଖାଲି

ନବରଙ୍ଗପୁର,୩।୫(ବି.ପ୍ର.)

ନବରଙ୍ଗପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଛି। ଏହାମଧ୍ୟରେ କିଛି ଲୋକ ପ୍ରଥମ ଡୋଜ୍ ଏବଂ ଦ୍ୱିତୀୟ ଡୋଜ୍ ଟୀକା ନେଇଥିବାବେଳେ ଅନେକ ବରିଷ୍ଠ ନାଗରିକ ଓ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରଥମ ଡୋଜ ନେବା ପରେ ଦ୍ୱିତୀୟ ଡୋଜ୍‌କୁ ଅପେକ୍ଷା ରହିଛନ୍ତି। ହେଲେ ଜିଲାରେ ଏବେ କରୋନା ଟୀକାର ଅଭାବ ଦେଖାଦେଇଛି। ଜିଲା ସଦର ଡାକ୍ତରଖାନାରୁ ୨ ଦିନ ହେଲା ଟୀକା ସରିଯାଇଛି। ଏଭଳି ସ୍ଥଳେ ସରକାର ପୁଣି ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ମାଗଣା ଟୀକା ଘୋଷଣା କରିଛନ୍ତି। ଗ୍ରାମାଞ୍ଚଳ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଅଳ୍ପ ସଂଖ୍ୟାରେ ଟୀକା ରହିଥିବାବେଳେ ତାହା ମଧ୍ୟ ସରିଯାଇଥିବା ଜଣାପଡ଼ିଛି। ଏ ନେଇ ନବରଙ୍ଗପୁର ସିଡିଏମ୍ଓ ଚୌଧୁରୀ ଶୋଭାରଣୀ ମିଶ୍ରଙ୍କୁ ପଚାରିବାରୁ ସେ ଜିଲାରେ ଟୀକା ନ ଥିବା ସ୍ୱୀକାର କରିଛନ୍ତି। ଏହାସହ ଟୀକା କେବେ ଆସିବ ତାହା ସ୍ପଷ୍ଟ ହୋଇନାହିଁ ବୋଲି ସେ କହିଛନ୍ତି। ସେହିପରି ଏଡିଏମ୍ଓ(ପରିବାର କଲ୍ୟାଣ) ଡା. ବିଜୟ କୁମାର କହିଛନ୍ତି, ୧୮ ବର୍ଷରୁ ଊର୍ଦ୍ଧ୍ୱଙ୍କ ନମନ୍ତେ ଟୀକା ଆସିନାହିଁ। ନୂଆ ଷ୍ଟକ୍ ଏବଂ ନିର୍ଦ୍ଦେଶ ଆସିଲେ ସେ ବିଷୟରେ ଜଣାପଡ଼ିବ। ସେହିପରି ଏପର୍ଯ୍ୟନ୍ତ ଜିଲାରେ କେତେ ଜଣଙ୍କୁ ଟୀକାକରଣ କରାଯାଇଛି ପ୍ରଶ୍ନର ଉତ୍ତରରେ ସେ ରେଜିଷ୍ଟର ଦେଖିଲେ କହିପାରିବି ବୋଲି କହିଛନ୍ତି।

# ବଜ୍ରପାତରେ ଯୁବକ ମୃତ

ଟିକିଟି,୩।୫(ଡି.ଏନ.ଏ.)-

ଟିକିଟି ବ୍ଲକ ଲାଲମେଣ୍ଟା ପଞ୍ଚାୟତ ବୀରସିଂହପୁର ଗ୍ରାମର ଜଣେ ଯୁବକଙ୍କ ସୋମବାର ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ କେ. ଅଶୋକ (୨୬)। ଅଶୋକ ଅପରାହ୍ନରେ ଉକ୍ତ ଗ୍ରାମ ନିକଟସ୍ଥ ଏକ ଜମିକୁ ଯାଇଥିଲେ। ସେଠାରେ କାମ କରୁଥିବା ସମୟରେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ହେବା ଫଳରେ ସେ ଅଚେତ ହୋଇ ପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ନୂଆପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଟିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଟିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି କହିଛନ୍ତି।

# ବୃଦ୍ଧ ଦମ୍ପତି ହତ୍ୟା ଘଟଣା, ଦୁଇ ଗିରଫ

ଜଗନ୍ନାଥପ୍ରସାଦ,୩।୫(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ଥାନା ଶିଶୁଣ୍ଡା ଗ୍ରାମ ନିକଟରେ କାଜୁ ଫସଲ ଜଗିରହୁଥିବା ବୃଦ୍ଧ ଦମ୍ପତି ଭୀମ ପ୍ରଧାନ ଓ ଶିଶୁଳାଙ୍କ ହତ୍ୟା ଘଟଣାରେ ସୋମବାର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମୃତକ ବୃଦ୍ଧଙ୍କ ନାତି ଭାସ୍କର ପାତ୍ର ଓ ସହଯୋଗୀ ପ୍ରକାଶ ପାତ୍ର। ଏ ନେଇ ନଂ. ୧୨୯/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ସୋମବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସ୍‌ଡିପିଓ ସୁଧାଂଶୁ ଶେଖର ମିଶ୍ରଙ୍କ ସୂଚନା ପ୍ରକାରେ, ଭାସ୍କରଙ୍କ ସ୍ତ୍ରୀ ସବୁବେଳେ ଅସୁସ୍ଥ ରହୁଥିବାରୁ ଭୀମଙ୍କଠାରୁ ସେ ଚେରମୂଳି ଔଷଧ ନେଇଥିଲେ। କିନ୍ତୁ ସ୍ତ୍ରୀଙ୍କ ଦେବ ଭଲ ନ ହୋଇ ଅଧିକ ଖରାପ ହେଉଥିଲା। ତେଣୁ ଔଷଧ ଦେଇ ଭଲ କରିବା ବଦଳରେ ଭୀମ ଜାଣିଶୁଣି ମାରିଦେବା ପାଇଁ ଚେଷ୍ଟା କରୁଛି ବୋଲି ସନ୍ଦେହ କରି ଭାସ୍କର ପ୍ରକାଶଙ୍କ ସହଯୋଗରେ ଶିଶୁଣ୍ଡାସ୍ଥିତ କାଜୁ ଜଙ୍ଗଲରେ ପହଞ୍ଚି ଅର୍ଦ୍ଧରାତିରେ ବୃଦ୍ଧ ଦମ୍ପତି ଶୋଇଥିବା ଅବସ୍ଥାରେ ଶାବଳରେ ମୁଣ୍ଡକୁ ପିଟି ହତ୍ୟା କରି ଫେରାର ହୋଇଯାଇଥିଲେ। ଥାନାଧିକାରୀ ସେମାନଙ୍କୁ ଧରି ପଚରାଉଚରା କରିବା ପରେ ସେମାନେ ଦୋଷ ସ୍ୱୀକାର କରିଥିଲେ। ପୋଲିସ ହତ୍ୟାରେ ବ୍ୟବହୃତ ଶାବଳ, ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଏହି ଘଟଣାର ପର୍ଦ୍ଦାଫାଶ କରିଥିବାରୁ ଏସ୍‌ଡିପିଓ ସ୍ଥାନୀୟ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ଓ ଟିମକୁ ପ୍ରଶଂସା କରିଛନ୍ତି।

# ସ୍କୁଲ ପାଖରେ ମଦ ଦୋକାନକୁ ନେଇ ଅସନ୍ତୋଷ

ଫୁଲବାଣୀ ଅଫିସ, ୩।୫

କିଛି ଦିନ ତଳେ ମଦ ଦୋକାନ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। କେଉଁଠି ଦୋକାନ ଖୋଲିଲାଣି ତ ଆଉ କେଉଁଠି ନୂଆ ଲାଇସେନ୍ସ ପାଇଥିବା ବ୍ୟକ୍ତି ଦୋକାନ ଆରମ୍ଭ କରିବା ପାଇଁ ପ୍ରୟାସ କରୁଛନ୍ତି। ଫୁଲବାଣୀ ସହରରେ ୫ଟି ମଦ ଦୋକାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ୫ନଂ. ଦୋକାନଟି ବସ୍‌ଷ୍ଟାଣ୍ଡ ନିକଟ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପାଖ ଫିସେରୀ କଲୋନୀ ପ୍ରାଇମେରୀ ସ୍କୁଲ ପାଖରେ ଖୋଲାଯିବାକୁ ପ୍ରସ୍ତୁତି ସରିଛି । ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲାଗଲେ ଅସାମାଜିକ ଲୋକଙ୍କ ଗତିବିଧି ବଢ଼ିବ । ସ୍କୁଲକୁ ପିଲାମାନେ ପଢ଼ିବାକୁ ଗଲେ ଅସୁବିଧାର ସମ୍ମୁଖିନ ହେବେ । ପିଲାମାନଙ୍କ ଭବିଷ୍ୟତକୁ ନଜରରେ ରଖି ସେଠାରେ ଦୋକାନ ଖୋଲିବାକୁ ଅନୁମତି ନ ଦେବାକୁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଅବକାରୀ ଇନ୍ସପେକ୍ଟର ଅଜୟ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଦୋକାନ ଲାଇସେନ୍ସଧାରୀଙ୍କୁ କାଗଜପତ୍ର ମଗାଯାଇଛି। କେଉଁଠି ଦୋକାନ ହେବ ସେ ଏ ପର୍ଯ୍ୟନ୍ତ କୌଣସି କାଗଜପତ୍ର ଦାଖଲ କରିନାହାନ୍ତି। କାଗଜପତ୍ର ଦେଖିବା ପରେ ଯାହା ଜଣାପଡିବ ବୋଲି କହିଛନ୍ତି।

# ଶିକ୍ଷକଙ୍କୁ କରୋନା ଯୋଦ୍ଧା ଘୋଷଣା କରାଯାଉ

ଉମରକୋଟ,୩।୫(ସ୍ୱ.ପ୍ର.)

## ସୀମାରେ ଦାୟିତ୍ୱ ତୁଲାଉଥିବା ଶିକ୍ଷକଙ୍କ ଦାବି

କରୋନା ମହାମାରୀ ସମୟରେ ଓଡ଼ିଶା-ଛତିଶଗଡ଼ ସୀମାରେ ଅନୁପ୍ରବେଶକୁ ରୋକିବା ନିମନ୍ତେ ସୀମାନ୍ତ ଚେକ୍‌ଗେଟ୍‌ଗୁଡ଼ିକରେ ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏଭଳି ସଙ୍କଟଜନକ ପରିସ୍ଥିତିରେ ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାକୁ ଶିକ୍ଷକମାନେ ସମ୍ମାନ ଜଣାଇବା ସହ ନିଜ କର୍ତ୍ତବ୍ୟ ମନେକରି ସୀମାରେ ଦାୟିତ୍ୱ ନିର୍ବାହ କରୁଛନ୍ତି। ହେଲେ ସୀମାନ୍ତ ଅଞ୍ଚଳରେ କର୍ତ୍ତବ୍ୟ କରିବା ସମୟରେ କରୋନାଠାରୁ ସୁରକ୍ଷା ନିମନ୍ତେ ପିପିଇ କିଟ୍,


ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି ।

ମାସ୍କ, ସାନିଟାଇଜର ଆଦିର ବ୍ୟବସ୍ଥା କରାଯାଇନାହିଁ। ଏଭଳି ସ୍ଥିତିରେ ଏଠାରେ କରୋନା ସଂକ୍ରମିତ ହେବା ସହ ଜୀବନ ପ୍ରତି ବିପଦ ମଧ୍ୟ ରହିଛି। ଏଥିସହ ସୀମାନ୍ତ ଅଞ୍ଚଳରେ ବିଦ୍ୟୁତ୍ ସୁବିଧା ନ ଥିବାରୁ ମାଓବାଦୀ ଏବଂ ଜଙ୍ଗଲୀ ଜନ୍ତୁଙ୍କ ଭୟ ମଧ୍ୟ ରହୁଛି। ତେଣୁ ଶିକ୍ଷକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦେବା ବ୍ୟବସ୍ଥା କରାଯାଉ ଏବଂ କରୋନା ଯୋଦ୍ଧାର ମାନ୍ୟତା ଦିଆଯାଉ ବୋଲି ଦାବି ହୋଇଛି। ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଉମରକୋଟ ବ୍ଲକ୍ ସଭାପତି ଦେବୀପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ଶିକ୍ଷକମାନେ ସୋମବାର ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଶିକ୍ଷକଙ୍କୁ ଏହି ଦାୟିତ୍ୱ ଦେବା ବିଷୟରେ ପୁନର୍ବିଚାର, କରୋନା ଟିକା ପ୍ରଦାନ, କରୋନା ଯୋଦ୍ଧା ମାନ୍ୟତା ସମେତ ସୁରକ୍ଷା କିଟ୍ ପ୍ରଦାନ ଏବଂ ଅସୁସ୍ଥତା ତଥା ମୃତ୍ୟୁକାଳୀନ ସହାୟତା ରାଶି ଘୋଷଣା ନିମନ୍ତେ ଦାବି କରାଯାଇଛି। ସରକାର ଏହି ଦାବିଗୁଡ଼ିକ ପ୍ରତି ଦୃଷ୍ଟିଦେଲେ ଶିକ୍ଷକମାନେ ଉପକୃତ ହୋଇପାରିବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଉମରକୋଟ ଶିକ୍ଷକ ସଂଘର ତ୍ରିପତି ପଟ୍ଟନାୟକ, ନରେଶ ପଟ୍ଟନାୟକ, ତ୍ରିନାଥ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ବୃଦ୍ଧ ଦମ୍ପତି

## ଗୁହାରି କରି ହୋଇଛନ୍ତି ନିରାଶ

ତେନ୍ତୁଲିଖୁଣ୍ଟି,୩।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ପୂଜାରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କାଦ୍ରାଗୁ ଗ୍ରାମକୁ ନବରଙ୍ଗପୁର ଜିଲାପାଳ ପୋଷ୍ୟଗ୍ରାମ ରୂପେ ଗ୍ରହଣ କରିଛନ୍ତି। ହେଲେ ଏହି ଗାଁରେ ରହୁଥିବା ବୟସ୍କ ଦମ୍ପତି ସନାଏ ଜାନୀ ଏବଂ ଚନ୍ଦ୍ର ଜାନୀ ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି। ଉଭୟଙ୍କୁ ୫୦୦ ଟଙ୍କା ସାମାଜିକ ସୁରକ୍ଷା ସହାୟତା ଏବଂ ରାଶନ କାର୍ଡରେ ୧୦ କିଲୋ ଚାଉଳ ମିଳୁଛି। ଅଗ୍ରଗାମୀ ସଂସ୍ଥା ଗୌଡ଼ଗୁଡ଼ାଠାରୁ ଛେଳି ମିଳିଛି। ହେଲେ ଆବାସ ଯୋଜନାରେ ଘରଟିଏ ପାଇଁ ୨୦ ବର୍ଷ ହେଲା ପୂଜାରିଗୁଡ଼ା ସରପଞ୍ଚଠାରୁ ଆରମ୍ଭ କରି ତେନ୍ତୁଲିଖୁଣ୍ଟି ବିଡିଓଙ୍କ ପର୍ଯ୍ୟନ୍ତ ଯାଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ଘରଟିଏ ମିଳିପାରିନାହିଁ। ତେବେ କେବଳ ଏହି ବୃଦ୍ଧ ଦମ୍ପତି ନୁହଁନ୍ତି, ଗାଁକୁ ଯାଇ ଅନୁସନ୍ଧାନବେଳେ ମିଳିଥିବା ତଥ୍ୟ ଅନୁଯାୟୀ, ଗାଁରେ ୪୦ ପରିବାର ବସବାସ କରୁଛନ୍ତି। ସେଥିମଧ୍ୟରୁ ୨୦ ପରିବାରକୁ ଆବାସ ଯୋଜନାରେ ଘର ମିଳିଥିବାବେଳେ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ସନାଏ ଏବଂ ଚନ୍ଦ୍ରଙ୍କୁ ଶୀଘ୍ର ଆବାସ ଯୋଜନାରେ ଘରଟିଏ ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



ସନାଏ ଜାନୀ ଏବଂ ଚନ୍ଦ୍ର ଜାନୀ ।

